ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ASSIGNMENTS
# ଦତ୍ତକର୍ମ

**Generic Electives (GE)-Course odia**

**ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆ**

Semester-3

SESSION: 2020-21

ଶିକ୍ଷାବର୍ଷ: ୨୦୨୦-୨୧

ଉତ୍ତର ଲେଖିବା ପୂର୍ବରୁ ନିୟମାବଳୀକୁ ଭଲଭାବରେ ପାଠ କରନ୍ତୁ।

# <u>ନିୟମାବଳୀ</u>

# Generic Electives (GE)-Course odia

# ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆ

**ଦତ୍ତକର୍ମ**

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆଆପଣମାନଙ୍କୁ ସ୍ୱାଗତ।

ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଟି ପାଠ୍ୟକ୍ରମ ପାଇଁ ଆପଣମାନଙ୍କୁ ଦୁଇଟି ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତକରି ଦାଖଲ କରିବାକୁ ହେବ। ତାହାଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ। ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନ କେନ୍ଦ୍ରର ପରାମର୍ଶଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ତେଣୁ, ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବେ।ଦତ୍ତକର୍ମ ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟିରଖନ୍ତୁ। ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠ କରନ୍ତୁ। ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟ ଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇପାରିବ ଯେ ପାଠ୍ୟଉପକରଣଗୁଡ଼ିକୁ ମନଦେଇ ପାଠ କରି ବୁଝିବାକୁ ଚେଷ୍ଟାକରନ୍ତୁ ଏବଂ ଯଥାସମ୍ଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଲେଖନ୍ତୁ। ଯଦ୍ୱାରା ଆପଣମାନେ ଭଲ ଗ୍ରେଡ୍/ ନମ୍ବର ପାଇ ପାରିବେ।

**ଦତ୍ତକର୍ମର ଉଦ୍ଦେଶ୍ୟ :**

ମୁକ୍ତ ଓ ଦୂର ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମଗୁଡିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଦତ୍ତକର୍ମ ଗୁଡ଼ିକରେ ଆପଣମାନେ ଯେଉଁଗ୍ରେଡ୍/ ମାର୍କ ଅର୍ଜନ କରିଥାଆନ୍ତି,ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ। ଦତ୍ତକର୍ମରେ ଭଲ ଗ୍ରେଡ୍ / ମାର୍କ ରଖିଲେ ଆପଣମାନଙ୍କ ମୋଟାମୋଟି ପରୀକ୍ଷା ଫଳ ଖୁବ୍ ଭଲ ହେବ। ମୁକ୍ତ ଓ ଦୂର ଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ / ସାଧାରଣ ମନ୍ତବ୍ୟ ସହିତ ସେଗୁଡିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗଗୁଡ଼ିକ ଜାଣିପାରିବେ। ତାହାଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା) ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

**ଦତ୍ତକର୍ମ ଲେଖିବେ କିପରି ?**

୧. ଉତ୍ତର ଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ୍,ପାଠ୍ୟକ୍ରମର ନାମ, ନାମଲେଖା କ୍ରମିକ ସଂଖ୍ୟା, ଶିକ୍ଷାକେନ୍ଦ୍ରର କୋଡ ନମ୍ବର ଉଲ୍ଲେଖ କରିବେ।

୨. ଉତ୍ତରଗୁଡ଼ିକ ନିଜ ହସ୍ତାକ୍ଷରରେ ଲେଖିବେ। ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାୟନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ।

୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅନୁସରଣ କରବେ।

୪. ଆପଣମାନଙ୍କ ହସ୍ତାକ୍ଷର ସ୍ପଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ।

**ଦତ୍ତକର୍ମର ଭୂମିକା :**

୧. ପ୍ରତିଟି ଦତ୍ତକର୍ମ ଗୋଟିଏ ମୂଲ୍ୟାଙ୍କନର ଶତକଡା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନିରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟ ଶତକଡା ୭୫ ଭାଗର ଗୁରୁତ୍ୱ ବହନ କରିବ।

୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟ ହେବ। ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡା ୨୫ ଭାଗ ଗୁରୁତ୍ୱ ବହନ କରିବ।

୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାର ଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ। ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତୀ ବର୍ଷରେ ଆପଣମାନଙ୍କୁ ଆଉ ଥରେ ଦତ୍ତକର୍ମ ଦାଖଲ କରିବାକୁ ହେବ।

# Generic Electives (GE)-Course odia

# ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆ

(ଦତ୍ତକର୍ମ ଜମା କରିବାର ସମୟସୀମା)

ସେମିଷ୍ଟର (୦୩)

| ପାଠ୍ୟକ୍ରମ ସଂଖ୍ୟା | ପାଠ୍ୟକ୍ରମ ଶୀର୍ଷକ | ଦାଖଲ ତାରିଖ |
|---|---|---|
| ୦୩ | ପ୍ରାଚୀନ ,ମଧ୍ୟଯୁଗ ଓ ଆଧୁନିକ ସାହିତ୍ୟର ସଂକ୍ଷିପ୍ତ ପରିଚୟ | ୨୮ .୦୨. ୨୦୨୧ |

GEOD 3

**SET 1**

# ଆନ୍ତଃ ସମଷ୍ଟିମୂଳକ ଇଛାଧୀନ ପାଠ- ଓଡ଼ିଆ

## ପ୍ରାଚୀନ ,ମଧ୍ୟଯୁଗ ଓ ଆଧୁନିକ ସାହିତ୍ୟର ସଂକ୍ଷିପ୍ତ ପରିଚୟ

ଦତ୍ତକର୍ମ - ୧

ପୂର୍ଣ୍ଣସଂଖ୍ୟା -୧୦୦

୨X ୧୦ =୨୦

( ସମସ୍ତ ବିଭାଗ ବାଧ୍ୟତାମୂଳକ )

୧ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

କ) ସାରଳାଙ୍କ ଗାନ୍ଧାରୀ ଚରିତ୍ରର ବିଶେଷତ୍ୱ ଦୁଇଟି ବାକ୍ୟରେ ଦର୍ଶାଅ ?

ଖ ) ପାପ ସ୍ୱୀକାରରେ ଦ୍ରୋପଦୀ କଣ କହିଥିଲେ ?

ଗ ) ବଳରାମ ବାସଙ୍କ ଦୁଇଟି ଶ୍ରେଷ୍ଠ କୃତିର ନାମ ଲେଖ ?

ଘ ) ପିଙ୍ଗଳାର କାହା ପ୍ରତି ଅତ୍ୟନ୍ତ ଲାଳସା ଥିଲା ?

ଙ )ଜଗନ୍ନାଥ ଦାସଙ୍କ ପାଞ୍ଚୋଟି କୃତିର ନାମ ଲେଖ ?

ଚ ) ଚନ୍ଦ୍ରକଳା କାହାର ରଚନା ଏଥିରେ କେଉଁ ପ୍ରସଙ୍ଗ ବର୍ଣ୍ଣିତ ?

ଛ ) ବିଦଗ୍ଧ ଚିନ୍ତାମଣି କାବ୍ୟର ନାୟକ ନାୟିକା କିଏ ?

ଜ ) ଉଭଟ ନାଟକ କହିଲେ କଣ ବୁଝ ?

ଝ ) ପ୍ରଣୟ ବଲ୍ଲରୀ କାବ୍ୟ କେତେ ସର୍ଗ ବିଶିଷ୍ଟ ?

ଞ ) ପ୍ରଣୟ ବଲ୍ଲରୀରେ କେଉଁ ପ୍ରସଙ୍ଗ ବର୍ଣ୍ଣିତ ?

୨ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ । ୨୦ X ୪ = ୮୦

କ) ମହାଭାରତରେ ମୁଖ୍ୟତଃ କେଉଁ ପ୍ରସଙ୍ଗ ବର୍ଣ୍ଣିତ ?

ଖ )ଜଣେ ସମାଜ ସଚେତକ ଭାବରେ କବି ବଳରାମ ଦାସଙ୍କ ଭୂମିକା ନିର୍ଣ୍ଣୟ କର ।

ଗ ) ବିଦଗ୍ଧ ଚିନ୍ତାମଣି କାବ୍ୟରେ କବିଙ୍କ କୃତିତ୍ୱ ଓ କଳ୍ପନାବିଳାସର ପରିଚୟ ପ୍ରଦାନ କର ।

ଘ ) ଓଡ଼ିଆ ନାଟ୍ୟ ସାହିତ୍ୟକୁ ମନୋରଞ୍ଜନ ଦାସଙ୍କ ଅବଦାନ ସଂପର୍କରେ ଉଲ୍ଲେଖ କର ।

GEOD 3

**SET 2**

# ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ- ଓଡ଼ିଆ

## ପ୍ରାଚୀନ ,ମଧ୍ୟଯୁଗ ଓ ଆଧୁନିକ ସାହିତ୍ୟର ସଂକ୍ଷିପ୍ତ ପରିଚୟ

ଶିକ୍ଷାବର୍ଷ- ୨୦୨୦-୨୧

ଦତ୍ତକର୍ମ -୨

ପୂର୍ଣ୍ଣସଂଖ୍ୟା -୧୦୦

( ସମସ୍ତ ବିଭାଗ ବାଧ୍ୟତାମୂଳକ )

୨X ୧୦ =୨୦

୧ ) ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

କ) ଗାଳ୍ପିକ କିଶୋରୀ ଚରଣ ଦାସଙ୍କ ଦୁଇଟି ଗଳ୍ପ ସଂକଳନର ନାମ ଉଲ୍ଲେଖ କର ?

ଖ )ସଂସ୍କୃତ ମୌଷଳ ପର୍ବରେ କେଉଁ କେଉଁ ବିଷୟ ରହିଛି ?

ଗ )ପୁତ୍ର  ଆଶାରେ କପୋତକପୋତୀ କ'ଣ କରୁଥିଲେ?

ଘ ) ଭାଗବତକୁ ଓଡ଼ିଆ ଜାତିର କଣ କୁହାଯାଏ ?

ଙ )ଭଗବାନଙ୍କୁ କଣ ବିଚଳିତ କରିଥିଲା ?

ଚ )ଲଳିତା କିଏ ?

ଛ ) ଲାବଣ୍ୟବତୀ କେଉଁ ଶ୍ରେଣୀୟ କାବ୍ୟ ?

ଜ )କୁନ୍ତଳା କୁମାରୀଙ୍କ ଦୁଇଗୋଟି ସମ୍ବୋଧନ ଗୀତିକାର ନାମ ଲେଖ ?

ଝ ) ଫକୀରମୋହନଙ୍କ ଚାରୋଟି ସାମାଜିକ ସମସ୍ୟା ଆଧାରିତ ଗଳ୍ପର ନାମ ଲେଖ ?

ଞ ) ମନୋରଞ୍ଜନ ଦାସଙ୍କ ଆଗାମୀ ନାଟକର ନାୟକ ନାୟିକା କିଏ ?

୨ )  ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।     ୨୦ X ୪  =  ୮୦

କ) ନାରୀର ମନ ଗଳ୍ପ ଅବଲମ୍ବନରେ ଦ୍ରୌପଦୀଙ୍କ ଚରିତ୍ର ଚିତ୍ରଣ କର ।

ଖ )ଭାଗବତର ଏକାଦଶ ସ୍କନ୍ଧର ତାତ୍ପର୍ଯ୍ୟ ବୁଝାଇ ଲେଖ ।

ଗ )ଏକ ସାର୍ଥକ ଚମ୍ପୂ ଭାବରେ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ମୂଲ୍ୟାଙ୍କନ କର ।

ଘ ) ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୀବନୀ ଏବଂ ତାଙ୍କ ସମଗ୍ର ରଚନାର ବିପଦ ଆଲୋଚନା କର।